# ଗ୍ରାମୀଣ କୃଷି ମୌସମ ସେବା

## ଭାରତୀୟ ପାଣିପାଗ ବିଭାଗ

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର– ୭୫୧୦୦୩

Dr.T.R. Mohanty
Nodal Officer

ସପ୍ତାହ –୪୦

ନ.-୯୬୧ (ଓଡିଆ ବୁଲେଟିନ)
ତାରିଖ- ୦୬ .୧୦.୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ଜଗତସିଂହପୁର ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୩୦.୦୯.୨୦୨୫ ରୁ ୦୬ .୧୦.୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| **33.1** | **26.6** | **76** |

## ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୭. ୧୦. ୨୦୨୫ ରୁ ୧୧ .୧୦ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ &ଆକାଶରସ୍ଥିତି | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ |
| ସର୍ବାଧିକତାପମାତ୍ରା(°C) | 32 | 33 | 33 | 33 | 34 |
| ସର୍ବନିମ୍ନତାପମାତ୍ରା(°C) | 26 | 26 | 26 | 26 | 26 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା(%) | 90 | 91 | 91 | 88 | 87 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା(%) | 68 | 66 | 68 | 66 | 64 |
| ପବନରବେଗ (କି.ମି./ଘ.) | 5 | 5 | 5 | 6 | 6 |
| ପବନରଦିଗ | 360 | 278 | 309 | 325 | 343 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଙ୍ଘପୁର ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି 05 ରୁ 06 କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ 32 ରୁ 34 ଡିଗ୍ରୀ ସେଲସିଅସ ଓ 26 ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ।
- ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ପବନର ବେଗ ୩୦- ୪୦ କି.ମି. ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ରୁହନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । ବିଦ୍ୟୁତ ଉପକରଣ ଏବଂ ପାଣିମୋଟର ଚାଲୁ ରଖିବେ ନାହିଁ, କାରଣ ଏହା କ୍ଷତି ସୃଷ୍ଟି କରିପାରେ । ବିଦ୍ୟୁତ ତାର, ଲୁହା ଜାଲି ଏବଂ ମୋବାଇଲ୍ ଫୋନ୍ କୁ ବଜ୍ରପାତ ସମୟରେ ଛୁଅନ୍ତୁ ନାହିଁ ।
- ଧାନ ଫସଲ ଜଳମଗ୍ନ ହୋଇ କ୍ଷତିଗ୍ରସ୍ତ ହୋଇଥିଲେ ତୁରନ୍ତ ଯବକ୍ଷାରଜାନ ସାର (ୟୁରିଆ) ପ୍ରୟୋଗ କରନ୍ତୁ ନାହିଁ । ନୂଆ ପିଲ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।
- ଅଣ ଧାନ ଫସଲ ଓ ପନିପରିବା ତଳିଘେରା ରୁ ଅତ୍ୟଧିକ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।
- ରୋଗ ଓ ପୋକ ର ନିୟନ୍ତ୍ରଣ ପାଇଁ ଜମିକୁ ଘାସମୁକ୍ତ ରଖନ୍ତୁ ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡା, ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି । ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ Metalaxyl + Mancozeb କିମ୍ବା ୨ ଗ୍ରାମ Carbendazim+ Mancozeb ଓ ୧ ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ ।
- କୁକୁଡା ଚିଆଁ ମାନେ ୩ ରୁ ୪ ସପ୍ତାହ ର ହୋଇଯାଇ ଥିଲେ ରାଣୀଖେତ ରୋଗ ପାଇଁ ଟୀକାକରଣ କରାନ୍ତୁ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | କେଣ୍ଡା ବାହାରିବା ଅବସ୍ଥା / ଫୁଲ ବାହାରିବା ଅବସ୍ଥା | ❖ <u>ଗୁଣ୍ଡି ପୋକ ବା ଚକଡା ଏବଂ ଧଳା ପିଠିଆ ଗଛ ଡିଆ ପୋକ-</u><br>ବର୍ତ୍ତମାନ ସମୟରେ ଧାନ ଫସଲରେ ମାଟି ଗୁଣ୍ଡି ପୋକ ବା ଚକଡା ଏବଂ ଧଳା ପିଠିଆ ଗଛ ଡିଆ ପୋକ ଲାଗିବାର ସମ୍ଭାବନା ଅଛି । ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଅଧିକ ଯବକ୍ଷାରଜାନ ସାର ବ୍ୟବହାର କରନ୍ତୁ ନାହିଁ । ଧାନ ଜମି ରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ରଖନ୍ତୁ ନାହିଁ । ଜଳ ନିୟନ୍ତ୍ରଣ ର ସୁବିଧା ଥିଲେ ପର୍ଯ୍ୟାୟ କ୍ରମେ ଜଳସେଚନ ଏବଂ ନିଷ୍କାସନ କରନ୍ତୁ ଯେମିତିକି କ୍ରମାଗତ ଭାବରେ ମାଟି ଓଦା ଏବଂ ଶୁଖିଲା ରହିବ। ସୂର୍ଯାଲୋକ ଏବଂ ବାୟୁ ଚଳାଚଳ ପାଇଁ ପୂର୍ବ ରୁ ପଶ୍ଚିମ ଦିଗ କୁ ୬ଫୁଟ ବ୍ୟବଧାନ ରେ ପାହି କରନ୍ତୁ ।<br>❖ <u>ନଳୀ ପୋକ</u><br>ନଳୀପୋକ ବର୍ତ୍ତମାନ୍ କିଛି ସ୍ଥାନରେ ଦେଖା ଗଲେଣି ଏବଂ ପୋକ ରାତିରେ ଅଧିକ ମାତ୍ରାରେ ସକ୍ରିୟ ରୁହନ୍ତି ଏବଂ ଆଲୋକ ଯନ୍ତା (ଲାଇଟ୍ ଟ୍ରାପ୍) ପ୍ରତି ଅଧିକ ଆକର୍ଷିତ ହୁଅନ୍ତି। ତେଣୁ ଏକର ପ୍ରତି ଗୋଟିଏ ସୌର ଚାଳିତ ଆଲୋକ ଯନ୍ତା ଲଗାନ୍ତୁ। ଏହାର ଶୂକ ପତ୍ର ର ଅଗକୁ କାଟି ଖୋଳ ବା ନଳୀ ତିଆରି କରି ତା ମଧ୍ୟରେ ଲୁଚି ରହେ। ଏହି ନଳୀ ଗୁଡ଼ିକ ପତ୍ରଧାରରୁ ଓହଳି ଥାଏ କିମ୍ବା ପାଣିରେ ଭାସୁଥାଏ। ବର୍ଷା ଛାଡ଼ିଗଲା ପରେ ବୁଦା ପ୍ରତି ୨ ରୁ ଅଧିକ ନଳୀ ଦେଖା ଗଲେ ଏକର ପ୍ରତି ୨୦୦ ଲିଟର ପାଣିରେ ୪୦୦ ମି.ଲି ଫିପ୍ରୋନିଲ୍ ୫% ଏସ୍.ସି କିମ୍ବା ୪୦୦ ମି.ଲି ଫେନଥୋଏଟ୍ ୫୦% ଇ.ସି କିମ୍ବା ୪୦୦ ମି.ଲି ପ୍ରୋଫେନୋଫୋସ୍ ୫୦% ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ । |
| ମୁଗ ଏବଂ ବିରି | ଫୁଲ ଓ ଫଳ ଧରିବା ଅବସ୍ଥା | ❖ <u>ପାଉଁଶିଆ ରୋଗ ପରିଚାଳନା</u><br>ଏହି ରୋଗ ଆକ୍ରାନ୍ତ ଗଛ ଗୁଡିକରେ ପତ୍ରରେ ପାଉଁଶ ପଡିବା ଭଳି ଦେଖାଯାଏ। ଏହି ରୋଗ ପ୍ରତିକାର ପାଇଁ ପ୍ରତି କେଜି ବିହନକୁ ୨ ଗ୍ରାମ Carbendazim ସହ ଗୋଳାଇ ବିହନ ବିଶୋଧନ କରନ୍ତୁ। ଶୁଖିଲା ପାଗ ଦେଖି ଜୈବିକ ଉପାୟରେ ଏହି ରୋଗ ପରିଚାଳନା ପାଇଁ Trichoderma viridae 5 % ରୁ 1 ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ପଦ୍ଧତିରେ ଏକର ପ୍ରତି Triadimefon (25 % WP) ଔଷଧ ରୁ କିମ୍ବା Sulphur (80% ସେଚିତ) ଗୁଣ୍ଡରୁ 800-1000 ଗ୍ରାମ କିମ୍ବା Penconazole (10% EC) ଔଷଧରୁ ୧୦୦ ମିଲି, ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଂଚନ କରନ୍ତୁ । |
| ଆଖୁ | ଅଭିବୃଦ୍ଧି ଅବସ୍ଥା | ❖ <u>ଘାସୁଆ ରୁଗୁଡିଆ ରୋଗ</u><br>ଏହି ରୋଗ ଦ୍ୱାରା ଆକ୍ରାନ୍ତ ଆଖୁବୁଦା ଟି ଏକ ଘାସ ବୁଦା ଭଳି ଦେଖାଯାଏ ଓ ଅନେକ ସରୁ ପତ୍ର ଥିବା ପିଲ ବାହାରିଥାଏ। ଏହି ରୋଗର ପରିଚାଳନା ପାଇଁ ରୋଗ ବିହୀନ ଆଖୁ ବିହନ ଲଗାନ୍ତୁ । ବର୍ଷା ଛାଡ଼ିଗଲା ପରେ ଏହି ରୋଗ ର ବାହକ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦– ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦- ମି.ଲି. Imidacloprid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |

| | | |
|---|---|---|
| କୋବି ଜାତୀୟ ପନିପରିବା | ତଳି ଅବସ୍ଥା | ❖ କୋବି ଜାତୀୟ ପନିପରିବା ତଳି ପଟାଳିରେ ସାଧାରଣତଃ ତଳି ଘରା-କଟା ରୋଗ ଦେଖା ଦେଇଥାଏ । ଶୁଖିଲା ପାଗ ଦେଖି ଏହି ରୋଗର ପରିଚାଳନା ପାଇଁ ପ୍ରଥମେ ମଞ୍ଜି ବୁଣିବା ପୂର୍ବରୁ ଏକ- କିଲୋଗ୍ରାମ ମଞ୍ଜି ରେ ୨-ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା Carboxin ଏବଂ Thiram ର ମିଶ୍ରିତ ଫିମ୍ପିନାଶକ, ବିହନରେ ମିଶାଇ ବିଶୋଧନ କରନ୍ତୁ । ମଞ୍ଜି ବୁଣି ସାରିଲା ପରେ ପ୍ରତି ଲିଟର ପାଣିରେ ୨-ଗ୍ରାମ Carbendazim ନାମକ ଫିମ୍ପିନାଶକ ମିଶାଇ ମାଟିକୁ ଭଲଭାବରେ ଭିଜାନ୍ତୁ। ତଳି ପଟାଳିରେ ତଳି ଘରା-କଟା ରୋଗ ଦେଖା ଦେଲେ ପ୍ରତି ଲିଟର ପାଣି re ୨- ଗ୍ରାମ Metalaxyl ଓ Mancozeb ର ମିଳିତ କିମ୍ବା ୨.୫-ଗ୍ରାମ Fenamidone ଓ Mancozeb ର ମିଳିତ ଫିମ୍ପିନାଶକ, ମିଶାଇ ୭ ଦନି ଅନ୍ତରରେ ଦୁଇଥର ସିଂଚନ କରନ୍ତୁ। ପଟାଳିରେ ପାଣି ଜମିରହିଲେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ । |
| କଖାରୁଜାତୀୟ ପନିପରିବା | ଫଳ ଧରିବା ଅବସ୍ଥା | ❖ <u>ଫଳମାଛି</u><br>ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ଫସଲ ଯଥା କଖାରୁ, କାକୁଡି, କଲରା, ଜହ୍ନି, ଇତ୍ୟାଦି ଫସଲରେ ଫଳମାଛି ଲାଗିବାର ସମ୍ଭାବନା ରହିଛି। ଫଳମାଛି ର ପରିଚାଳନା ପାଇଁ ପ୍ରଥମେ ୪-ଲିଟର ପାଣିରେ ୪୦୦-ଗ୍ରାମ ଗୁଡ ଓ ୮-ମିଲି malathion ବା DDVP କୀଟନାଶକ ମିଶାଇ ବିଷ ଥୋପ ପ୍ରସ୍ତୁତ କରନ୍ତୁ। ଏହି ବିଷ ଥୋପକୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲରେ ୮୦ ଟି ସ୍ଥାନରେ ଛୋଟ ସରେଇ କିମ୍ବା ମାଟି ସରା କିମ୍ବା ପ୍ଲାଷ୍ଟିକ କପରେ ରଖି ଗଛ ମୂଳରେ ରଖନ୍ତୁ। ଏହା କରିବା ଦ୍ୱାରା ଫଳମାଛି ଗୁଡିକ ଏହି ବିଷ ଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ । |
| ବାଇଗଣ, ଟମାଟୋ ଓ ଲଙ୍କା | ତଳି ପକାଇବା ଠାରୁ ଫଳ ଧରିବା ଅବସ୍ଥା | ❖ <u>କବକ ଜନିତ ଝାଉଁଳା ରୋଗ</u><br>ବର୍ଷା ପରେ ବାଇଗଣ, ଟମାଟୋ ଓ ଲଙ୍କା ଗଛ ମୂଳରେ ପାଣି ଜମି ରହିଲେ କବକ ଜନିତ ଝାଉଁଳା ରୋଗ ହେବାର ସମ୍ଭାବନା ଅଛି । ଗଛ ମୂଳରେ ଅଧିକ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ । ଆକ୍ରାନ୍ତ ଗଛ ଗୁଡିକୁ ଉପାଡି ଦେଇ ଅନ୍ୟ ସବୁ ଗଛ ମୂଳରେ ପ୍ରତି ଲିଟର ପାଣିରେ ୨ଗ୍ରାମ ମେଟାଲାକ୍ସିଲ ୮ %ମାଙ୍କୋଜେବ ୬୪ + %WP ର ମିଶ୍ରିତ ଫିମ୍ପିନାଶକ ମିଶାଇ ଚେର ଭିଜାଇ ଦିଅନ୍ତୁ ।<br>ତଳି କିଆରିରେ ଏହି ରୋଗର ନିୟନ୍ତ୍ରଣ ପାଇଁ ବର୍ଗ ମିଟର ପ୍ରତି ୫୦ ଗ୍ରାମ Trichoderma harzianum ୧% WP କିମ୍ବା Trichoderma viridae ୧୫.% WP ତଳି ପକାଇବା ପୂର୍ବରୁ ମିଶାଇ ଦିଅନ୍ତୁ । |
| ଭେଣ୍ଡି | ଫଳ ଧରିବା ଅବସ୍ଥା | ❖ <u>ସାହେବୀ ରୋଗ</u><br>ଭେଣ୍ଡିରେ ସାହେବୀ ରୋଗ ଧଳାମାଛି ଦ୍ୱାରା ବ୍ୟାପିଥାଏ । ଏହାକୁ ପ୍ରତିରୋଧ କରିବା ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ Imidacloprid 75 % WG ସହ ମିଶାଇ ବିହନ ବିଶୋଧନ କରନ୍ତୁ । ଜମି ରେ ଏକର ପ୍ରତି ୧୨ଟି ହଳଦିଆ ଯନ୍ତା ବସାନ୍ତୁ । ପ୍ରାଥମିକ ଅବସ୍ଥାରେ ବର୍ଷା ଛାଡ଼ିଗଲା ପରେ ମଞ୍ଜି ଗଜା ହେବାର ୧୫ଦିନ ପରେ ଏକର ପ୍ରତି ୬୦୦ ମିଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ Azadiractin କୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ହେଲେ ଏକର ପ୍ରତି ୪୦୦ଗ୍ରାମ Diafenthuron ୫୦ %WP କିମ୍ବା ୬୦୦ଗ୍ରାମ Imidacloprid ୭୦ %WG ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ୭ଦିନ ପରେ ଆଉଥରେ ସ୍ପ୍ରେ କରନ୍ତୁ । |
| ପଶୁ ସମ୍ପଦ | ❖ <u>ଗାଈ ଗୋରୁଙ୍କର କୃମି ଜନିତ ରୋଗ</u><br>ଯଦି ଆପଣଙ୍କର ଗୃହପାଳିତ ପ୍ରାଣୀ ଯଦି ଦୁର୍ବଳ ହେଇଯାଉଛି, ଖାଦ୍ୟ ଗ୍ରହଣ ଠିକ ଭାବରେ କରୁନାହିଁ, ବାଛୁରୀ ମାନେ ଠିକ ଭାବରେ ବଢୁନାହାନ୍ତି, ଦେହରେ ଚମଡା ଚିକଣ ଦେଖାଯାଉନାହିଁ, ପତଳା ଝାଡା ହେଉଛି, ଆଖି ଭିତରେ ସେଥା ଦେଖା ଯାଉଛି, ଦୁଗ୍ଧ ଉତ୍ପାଦନ କମି ଯାଉଛି ତାହେଲେ ପ୍ରାଣିଟି କୃମି ଦ୍ୱାରା ଆକ୍ରାନ୍ତ ହୋଇଥାଇପାରେ । ଯଥା ସମୟରେ ଚିକିସା ନ କଲେ ପ୍ରାଣିଟି ମୃତ୍ୟୁ ମୁଖରେ ପଡି ପରେ। ତେଣୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପ୍ରାଣୀ ମାନଙ୍କର ମଳ ଓ ଗୋବର ସ୍ଥାନୀୟ ପ୍ରାଣୀ ଚିକିସା କେନ୍ଦ୍ରରେ ପରୀକ୍ଷା କରାନ୍ତୁ । | |
| ମତ୍ସ୍ୟ ସମ୍ପଦ | ❖ ପୋଖରୀ ରୁ ଅଧିକ ଜଳ ନିଷ୍କାସନ କରନ୍ତୁ । ମାଛ ଯେପରି ବାହାର କୁ ନ ଆସିବେ ତାର ଯତ୍ନ ନିଅନ୍ତୁ । ଶିକାରୀ ଏବଂ ଅଦରକାରୀ ମାଛ ନିରାକରଣ ପାଇଁ ହେକ୍ଟର ପ୍ରତି ୨.୫ କେଜି ମହୁଆ କେକ ୧ ମିଟର ଗଭୀର ପାଣିରେ ପ୍ରୟୋଗ କରନ୍ତୁ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷିୟିକ ବିଶ୍ୱବିଦ୍ୟାଳୟ

**ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ତାରା,**QPM, **ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

**ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ** MEGHDOOT **ମୋବାଇଲ ଆପ ବ୍ୟବହାର କରନ୍ତୁ ।**

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)